## ସଂକ୍ଷେପରେ

### ଆଦର୍ଶ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ

**ଆର୍. ଉଦୟଗିରି,୫।୯(ଡ଼ି.ଏନ୍.ଏ.):** ଗଜପତି ଜିଲା ଛେଳିଗଡ଼ ଗ୍ରାମସ୍ଥିତ ଆଦର୍ଶ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ର ଏକ ସଚେତନତା ଶୋଭାଯାତ୍ରାରେ ବାହିତ ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ଗୋଟିଏ ସ୍ଥାନରେ ପକାଇବାକୁ ଲୋକଙ୍କୁ ବୁଝାଇଥିଲେ। ଏହାଦ୍ୱାରା ଡେଙ୍ଗୁ, ମ୍ୟାଲେରିଆ ଓ ଡ଼ାଇରିଆରୁ ରକ୍ଷା ପାଇପାରିବେ ବୋଲି କହିଥିଲେ। ରଷି ଦଳେଇ, ମିଥୁନ ବାଗ, ରାଜୀବ ରଇତ, ପ୍ରଜ୍ଞା ପ୍ରସାଦ, ମନୋଜ କୁମାର ପ୍ରସାଦ, ଦାମ ସ୍ୱାଇଁ, ସରିତା ଆଚାର୍ଯ୍ୟ, ଅନନ୍ତ ପ୍ରସାଦ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ସ୍ୱଚ୍ଛତା ପକ୍ଷ ପାଳିତ

**ଧରାକୋଟ,୫।୯(ଡି.ଏନ.ଏ.):** ଧରାକୋଟ ଶ୍ରୀରାଜ ଉଚ୍ଚବିଦ୍ୟାଳୟର ଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ଏଥିରେ ସ୍କୁଲର ସମସ୍ତ ଛାତ୍ରଙ୍କୁ ନେଇ ଶୋଭାଯାତ୍ରାରେ ସମଗ୍ର ଗ୍ରାମକୁ ପରିକ୍ରମା କରି ସ୍ୱଚ୍ଛତା, ବିପର୍ଯ୍ୟସ୍ତ ପରିମଳରେ ସୁଧାର, ବର୍ଷା ଋତୁରେ ସଂକ୍ରାମକ ରୋଗରୁ ସ୍ୱାସ୍ଥ୍ୟ ରକ୍ଷା କରିବା, ପରିବେଶ ସନ୍ତୁଳନ ପାଇଁ ଚାରାରୋପଣର ଆବଶ୍ୟକତା ଉପରେ ସ୍ଲୋଗାନ ଦେବା ସହ ପଥପ୍ରାନ୍ତ ସଭା କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ କାର୍ଯ୍ୟକ୍ରମ ପରିଚାଳନ କରିଥିବା ବେଳେ ଶିକ୍ଷକ ସୁରେଶ କୁମାର ପାତ୍ର, ଅଜିତ ନାୟକ, ଗଣପତି ଗମାଙ୍ଗ, ଶିକ୍ଷୟିତ୍ରୀ ପାର୍ବତୀ ମୁଣ୍ଡାରୀ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।

### ଚାଷୀଙ୍କ ସମସ୍ୟା ନେଇ ଆଲୋଚନା

**କନିଷି,୫।୯(ଡି.ଏନ.ଏ.)**-ରଙ୍ଗେଇଲୁଣ୍ଡା ବ୍ଲକ କନିଷି ତହସିଲ କାର୍ଯ୍ୟାଳୟରେ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବ୍ଲକର କେତେକ ଚାଷଜମି ଖାଲୁଆ ଅଞ୍ଚଳରେ ରହିଥିବାରୁ ଫସଲ ନଷ୍ଟ ହୋଇଛି। ସେହିପରି କେତେକ ପଞ୍ଚାୟତରେ ବାର୍‌ହା ଧାନ ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ କ୍ଷତି ସହୁଛନ୍ତି। ତହସିଲଦାର ଡ. ଶରତ ଚନ୍ଦ୍ର ମହାପାତ୍ର ଅନ୍ୟ ବିଭାଗ ଅଧିକାରୀଙ୍କୁ ଡକାଇ ଯେଉଁ ପଞ୍ଚାୟତରେ ଫସଲ ନଷ୍ଟ ହୋଇଛି ତାହାର ତଦନ୍ତ କରି ରିପୋର୍ଟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଇନ୍ଦ୍ରାକ୍ଷୀ ପଞ୍ଚାୟତରେ ବହୁ ଧାନ ଫସଲ ପାଣିରେ ବୁଡ଼ି ରହୁଛି। ଚାଷୀମାନେ ଜଣାଇଲେ ବି ସରକାରୀ ସାହାଯ୍ୟ ମିଳୁନି ବୋଲି ଉକ୍ତ ପଞ୍ଚାୟତ ସରପଞ୍ଚ ଦଣ୍ଡପାଣି ସାହୁ ଅଭିଯୋଗ କରିଥିଲେ। ତହସିଲଦାର ମହାପାତ୍ର ଏସବୁ ସମସ୍ୟା ସମାଧାନ ଲାଗି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ବ୍ରହ୍ମପୁର ଜଳସେଚନ, ପୂର୍ତ୍ତ ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

### ପୋଲ ମରାମତି ଦାବି



**କ. ନୂଆଗାଁ, ୫।୯(ଡି.ଏନ୍.ଏ.):** କନ୍ଧମାଳ ଜିଲା କ. ନୂଆଗାଁ ବ୍ଲକ ସାରଙ୍ଗଗଡ଼-ଜି. ଉଦୟଗିରି ପୂର୍ତ୍ତ ବିଭାଗ ରାସ୍ତାର କାଣିବିଡିକାଠାରେ ଥିବା ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଉକ୍ତ ଛୋଟ ପୋଲଟିର ଗୋଟିଏ ପାର୍ଶ୍ୱ ବର୍ଷାରେ ଧୋଇଯାଇଛି। ସେଠାରେ ପୋଲ ସାଇଡ଼ ୱାଲ କରାଯାଇନାହିଁ। ଉକ୍ତ ପୋଲ ଦେଇ ଭାରିଯାନ ଯାତାୟାତ କରିବା ସୁରକ୍ଷିତ ନୁହେଁ। ଏଥିପ୍ରତି ପୂର୍ତ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଘରପୋଡ଼ି ସହାୟତା ଲାଗି ଜିଲାପାଳଙ୍କୁ ଗୁହାରି

**କବିସୂର୍ଯ୍ୟନଗର,୫।୯:** କବିସୂର୍ଯ୍ୟନଗର ବ୍ଲକ ଋଷିପୁରର ଦିବାନ ବେହେରା ଘରପୋଡ଼ି ସହାୟତା ପାଇଁ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଗୁହାରି କରିଛନ୍ତି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ତଦନ୍ତ କରାଯାଇ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କିଛିମାସ ତଳେ ଦିବାନଙ୍କ ଦୁଇ ବଖରା ଘର ଶର୍ଟ ସର୍କିଟ୍ ଯୋଗୁଁ ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଅଗ୍ନିଶମ ବାହିନୀ କବିସୂର୍ଯ୍ୟନଗର ଓ ବୁଢ଼ାମ୍ବ ଆରଆଇ କ୍ଷୟକ୍ଷତି ଆକଳନ କରି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ତଦନ୍ତ ପରେ ଦିବାନଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ତହସିଲଦାର ପ୍ରଫୁଲ୍ଲ କୁଜୁରୁ କହିଛନ୍ତି।

■ ପରମପାଙ୍ଗା ଉଚ୍ଚ ବିଦ୍ୟାଳୟ

# ଏକାଧିକ ବିଷୟରେ ନାହାନ୍ତି ଶିକ୍ଷକ

ଫୁଲବାଣୀ ଅଫିସ, ୫।୯

କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ପରମପାଙ୍ଗା ପଞ୍ଚାୟତରେ ଥିବା ଉଚ୍ଚ ବିଦ୍ୟାଳୟରେ ଏକାଧିକ ବିଷୟରେ ପଢ଼ାଇବାକୁ ଶିକ୍ଷକ ନାହାନ୍ତି । ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ଏ ଦିଗରେ ପଦକ୍ଷେପ ନିଆଯାଉ ନାହିଁ । ପାଠ ନ ପଢ଼ି କିପରି ପିଲାମାନେ ପରୀକ୍ଷା ଦେବେ ବୋଲି ଅଭିଭାବକଙ୍କ ସମେତ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି ।

ଏହି ଉଚ୍ଚ ବିଦ୍ୟାଳୟରେ ପରମପାଙ୍ଗା ଏବଂ ଦଡକଙ୍ଗିଆ ପଞ୍ଚାୟତର ପିଲାମାନେ ନିର୍ଭର କରନ୍ତି । ଦୀର୍ଘ ୧୦ ବର୍ଷ ହେଲା ବିଦ୍ୟାୟଳୟରେ ୨୦୦ରୁ ୨୫୦ ଛାତ୍ରୀଛାତ୍ର ଦଶମ ଶ୍ରେଣୀରେ ପରୀକ୍ଷା ଦେଇ ଆସୁଛନ୍ତି । ବିଦ୍ୟାଳୟରେ ଶିକ୍ଷକ ସଂଖ୍ୟା ମାତ୍ର ୩ । ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଗତ ବର୍ଷ ଏହି ସମସ୍ୟା ବିଷୟରେ ଜିଲା ପ୍ରଶାସନ ଏବଂ ଶିକ୍ଷା ବିଭାଗକୁ ଲିଖିତ ଭାବେ ଜଣାଯାଇଥିଲା । ହେଲେ ଆଜି ପର୍ଯ୍ୟନ୍ତ ତାହା ପୂରଣ କରାଗଲା ନାହିଁ। ଶିକ୍ଷକ ଅଭାବରୁ ପିଲାମାନେ ଗୋଟିଏ ଗୋଟିଏ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ରହୁଛନ୍ତି। ଗଣିତ, ସଂସ୍କୃତ ଏବଂ ଖେଳ ଶିକ୍ଷକ ରହଛନ୍ତି । ବାକି ଇଂଲିଶ, ବିଜ୍ଞାନ, ହିନ୍ଦୀ, ଭୂଗୋଳ ଓ ଇତିହାସ ପଢ଼ାଇବାକୁ ଶିକ୍ଷକ ନାହାନ୍ତି । ୧୫ ଦିନ ମଧ୍ୟରେ ବିଦ୍ୟାଳୟକୁ ଶିକ୍ଷକ ଦିଆ ନ ଗଲେ ଆମେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ସରପଞ୍ଚ ରମେଶ ମଲ୍ଲିକ, ଦଡକଙ୍ଗିଆ ସରପଞ୍ଚ ଢୁଇ ମଲ୍ଲିକ, ଭାସ୍କର ମଲ୍ଲିକ, ମାନସ କୁମାର ଦିଗାଲ, ଟଙ୍କଧର ମଲ୍ଲିକ, ସାମୁଏଲ ଦିଗାଲ ପ୍ରମୁଖ ପ୍ରକାଶ କରିଛନ୍ତି । ଏ ନେଇ ଜିଲା ଶିକ୍ଷାଧିକାରୀ ବିକାଶ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସରକାର ନୂଆ ନିଯୁକ୍ତି ଦେଲେ ସେଠାରେ ଶିକ୍ଷକ ଅଭାବ ପୂରଣ କରାଯିବ ବୋଲି କହିଛନ୍ତି।

# ଟାକିରିଆ ବ୍ରହ୍ମପୁରରେ ମୋ' ସ୍କୁଲ ଶ୍ରେଷ୍ଠ ସ୍କୁଲ କାର୍ଯ୍ୟକ୍ରମ



ସହାୟତା ପ୍ରଦାନ କରାଯାଉଛି।

**ଛତ୍ରପୁର,୫।୯(ଡି.ଏନ.ଏ)**

ଛତ୍ରପୁର ବ୍ଲକ କଣମଣା ପଞ୍ଚାୟତ ଟାକରିଆ ବ୍ରହ୍ମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଶ୍ରେଷ୍ଠ ସ୍କୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରିଚାଳନା କମିଟିର ସଭାପତି ବି. ସୀମାଦ୍ରି ଅଧ୍ୟକ୍ଷତା କରିଥିଲେ । ଅତିଥି ଭାବେ ସରପଞ୍ଚ ଏସ୍. ଚକ୍ରପାଣି ରେଡ୍ଡି, ସମିତିସଭ୍ୟା ରଶ୍ମିତା ବେହେରା, ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀତାରାମ ପାତ୍ର, ସିଆରସିସି ମନୋଜ କୁମାର ତ୍ରିପାଠୀଙ୍କ ସମେତ ପ୍ରଧାନଶିକ୍ଷକ, ସ୍କୁଲ ଅଭିଭାବକ କମିଟି ସଭ୍ୟ, ଗ୍ରାମବାସୀ ଉପସ୍ଥିତ ଥିଲେ । ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ସ୍କୁଲର ଉନ୍ନତି ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ୨୦ ହଜାର ଟଙ୍କା ଦିଆଯାଇଥିଲା । ଏଥିସହ ଆର୍. ସୀମାଞ୍ଚଳ ରେଡ୍ଡି, ଏ ଶିବରାମ ରେଡ୍ଡି, ମଦନ ସାହୁ, ଅରୁଣ ରେଡ୍ଡି, ଏନ୍. ଚନ୍ଦ୍ର ରାଓ, ଭାଗୀରଥି ରେଡ୍ଡି, ବି ପ୍ରଦୀପ ରେଡ୍ଡି, କେ. ଡମ୍ବରୁ ରେଡ୍ଡି, ବିଜୟ କୁମାର ରେଡ୍ଡି, ସନ୍ତୋଷ କୁମାର ବେହେରା, ଟି ଭାଗୀରଥୀ ରେଡ୍ଡି, ଏନ୍. ଲକ୍ଷ୍ମୀ ରେଡ୍ଡି, ହାଡିଆଁ ବେହେରା ପ୍ରମୁଖ ଡାକବାଜି ଯନ୍ତ୍ର, ସ୍କୁଲ ଉପକରଣ ଓ ଖେଳ ସାମଗ୍ରୀ ଆଦି ପ୍ରଦାନ କରିଥିଲେ ।

■ବ୍ଲକରେ ଦୁର୍ନୀତି

# ଭାଜପା ଅଭିଯୋଗକୁ ଖଣ୍ଡନ କଲା ବିଜେଡି



ଉପସ୍ଥିତ ବିଜେଡି କର୍ମକର୍ତ୍ତା।

ବୁଗୁଡ଼ା,୫।୯(ଡି.ଏନ.ଏ.)

ବୁଗୁଡ଼ା ବ୍ଲକରେ ଦୁର୍ନୀତି ଚାଲିଥିବା ଓ ଥାନା ଅଧିକାରୀ ପକ୍ଷପାତିତା କରୁଥିବା ନେଇ ବିଜେଡି ବିରୋଧରେ ଭାଜପା ପକ୍ଷରୁ ମଙ୍ଗଳବାର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଆହୁତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଥିଲା। ବୁଧବାର ଉକ୍ତ ଡାକ ବଙ୍ଗଳାରେ ବିଜେଡି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପାର ସମସ୍ତ ଅଭିଯୋଗକୁ ଖଣ୍ଡନ କରାଯାଇଛି। ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀଙ୍କ ସଂଯୋଜନାରେ ହୋଇଥିବା ଖବରଦାତା ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଛି ଯେ, ଥାନାଧିକାରୀ ନିରପେକ୍ଷ କାର୍ଯ୍ୟ କରୁଛନ୍ତି ଏବଂ ବୁଗୁଡ଼ା ଥାନା ଅଞ୍ଚଳରେ ଶାନ୍ତି ବଜାୟ ରହିଛି। ସେହିପରି ବ୍ଲକରେ ଖାଦ୍ୟ ସୁରକ୍ଷା ଯୋଜନା, ପ୍ରକୃତ ହିତାଧିକାରୀଙ୍କୁ ଭତ୍ତା, ପିଡିଏସ ସାମଗ୍ରୀ, ବିଜୁ ପକ୍କାଘର, ଛତୁଆ ବଣ୍ଟନ ଠିକ୍ ଚାଲିଛି। ଏମଜିଏନଆର୍‌ଇଜିଏସରେ କୌଣସି ଦୁର୍ନୀତି କିମ୍ବା ପକ୍ଷପାତିତା ହୋଇନାହିଁ ବୋଲି ବିଜେଡି ପକ୍ଷରୁ ସଫେଇ ଦିଆଯାଇଛି। ବିଧାୟକ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ବ୍ଲକରେ ବିକାଶମୂଳକ କାର୍ଯ୍ୟ ଜାରି ରହିଥିବାରୁ ତାଙ୍କ ଲୋକପ୍ରିୟତାରେ ଈର୍ଷାନ୍ୱିତ ହୋଇ ଭାଜପା ମିଥ୍ୟା ଅଭିଯୋଗ ଆଣୁଛି ବୋଲି ବିଜେଡି ସ୍ପଷ୍ଟ କରିଛି। କଲେଜରେ ଅଣଛାତ୍ର ପ୍ରବେଶ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ବୁଗୁଡ଼ା ଏନଏସି ଉପନଗରପାଳ ଚିତ୍ରସେନ ପ୍ରଧାନ, ନଗର ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପାଢ଼ୀ, ଜିଲା ପରିଷଦ ସଭ୍ୟା ରେବତୀ ମୋହନ ନାୟକ, ଜିଲା ଯୁବ ବିଜେଡି ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ବ୍ଲକ ବିଜେଡି ସଭାପତି ଇ. ମଦନ ଗୋପାଳ ଦୋରା, ମୁକୁନ୍ଦ ନାୟକ, ସୀମାଞ୍ଚଳ ଖଟାଇ, ବ୍ଲକ ଉପାଧ୍ୟକ୍ଷ ଟୁକୁନା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

# ସିପିଆଇର ଆଇନ ଅମାନ୍ୟ ଆନ୍ଦୋଳନ

**ଦିଗପହଣ୍ଡି,୫।୯(ଡି.ଏନ୍.ଏ.)**

ଦିଗପହଣ୍ଡିରେ ସିପିଆଇ ପକ୍ଷରୁ ଆଇନ ଅମାନ୍ୟ ଆନ୍ଦୋଳନ ହୋଇଥିଲା। ସ୍ଥାନୀୟ ବସ୍‌ଷ୍ଟାଣ୍ଡସ୍ଥିତ ପାର୍ଟି କାର୍ଯ୍ୟାଳୟରୁ କର୍ମୀମାନେ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୧୩ ଦଫା ଦାବି ହାସଲ ପାଇଁ ସିପିଆଇ ରାଜ୍ୟ ପରିଷଦ ସଦସ୍ୟ ଅଳକ ନାଥ ମିଶ୍ରଙ୍କ ନେତୃତ୍ୱରେ ଆଇନ ଅମାନ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲେ। ୧ ହଜାରରୁ ଊର୍ଦ୍ଧ୍ୱ କର୍ମୀ ବ୍ଲକରେ ଧସେଇ ପଶିବାକୁ ଚେଷ୍ଟା କରିବା ବେଳେ ପୋଲିସ ଅଟକାଇଥିଲା। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ବଡ଼ଖେମୁଣ୍ଡି ଜୋନାଲ ସମ୍ପାଦକ କିଶୋର କୁମାର ଶତପଥୀ ଅଧ୍ୟକ୍ଷତା କରିଥିଲେ। ସିପିଆଇ ଗଞ୍ଜାମ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ଅଖିଳ ଭାରତ ଛାତ୍ର ସଂଘ ଜିଲା ସମ୍ପାଦକ କାମଦେବ ନାହାକ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ବିଭିନ୍ନ ଦାବି ନେଇ ଭାରପ୍ରାପ୍ତ ବିଡିଓ ପିତାମ୍ବର ବେହେରାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଦିଗପହଣ୍ଡି ଶାଖା ସମ୍ପାଦକ ତପନ କୁମାର ମିଶ୍ର, ଦୈତାରି ରେଡ୍ଡୀ, ପ୍ରମୋଦ ସ୍ୱାଇଁ, ପ୍ରକାଶ ସେଠୀ, ମୂଷା ବେହେରା, ଗୋବିନ୍ଦ ନନ୍ଦ, ଅଶୋକ ସେଠୀ, ଚଷାନିମଖଣ୍ଡି ସରପଞ୍ଚ ସୁଦର୍ଶନ ନାୟକ, ମିଥୁନ ସେଠୀ, ଲଣ୍ଡା ବେହେରା, ଲୋକନାଥ ବିଶୋୟୀ, ଗୀତା ସେଠୀ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

### ଜୁଆ ଆଡ୍ଡାରେ ଚଢ଼ାଉ : ୭ ଗିରଫ

**ହିଞ୍ଜିଳିକାଟୁ,୫।୯(ଡି.ଏନ୍.ଏ.):**

ହିଞ୍ଜିଳି ପୋଲିସ ବୁଧବାର ସନ୍ଧ୍ୟାରେ ଆହାରକେନ୍ଦ୍ର ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢାଉ କରି ୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୮,୨୮୦ ଟଙ୍କା, ୮ ମୋବାଇଲ ଫୋନ ଓ ଗୋଟିଏ ବାଇକ ଜବତ କରାଯାଇଛି। ଏ ନେଇ ଥାନାରେ ନଂ.୨୨୪ /୧୮ରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

■ ମଣ୍ଡିରେ ଧାନ ବିକ୍ରି ପାଇଁ ଗଡ଼ିଲା ପ୍ରଚାର ରଥ

# ୧୫ ଯାଏଁ ଚାଷୀଙ୍କ ନାମ ପଞ୍ଜୀକରଣ

**ଭଞ୍ଜନଗର,୫।୯(ଡି.ଏନ.ଏ.)**

ଖରିଫ ଋତୁର ଧାନ ମଣ୍ଡିରେ ବିକ୍ରି କରିବାକୁ ଚାହୁଁଥିବା ଚାଷୀମାନେ ନାମ ପଞ୍ଜୀକରଣ କରାଇବାକୁ ପଡ଼ିବ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଷୀ ନାମ ପଞ୍ଜୀକରଣ କରିପାରିବେ। ଏଥିପାଇଁ ସେବା ସମବାୟ ସମିତି ଗୁଡ଼ିକରେ ପଞ୍ଜୀକରଣ ଓ ନବୀକରଣ ଫର୍ମ ସମ୍ପାଦକଙ୍କ ମାଧ୍ୟମରେ ମାଗଣାରେ ଯୋଗାଇ ଦିଆଯାଉଛି। ଭାଗ ଚାଷୀ ମଧ୍ୟ ପଞ୍ଜୀକୃତ ହୋଇପାରିବେ। ୨୦୧୮-୧୯ ଖରିଫ୍ ବର୍ଷ ନିମନ୍ତେ ସରକାର ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୭୫୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ନାମ ପଞ୍ଜୀକରଣ କରି ନ ଥିବା ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରିବେ ନାହିଁ। ଏସବୁ ବିଷୟ ଚାଷୀଙ୍କୁ ସଚେତନ କରିବା ନିମନ୍ତେ ସୋମବାର ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟରୁ ଏକ ପ୍ରଚାର ରଥ ବାହାରିଛି। ଉକ୍ତ ରଥକୁ ଉପ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରଥଟି ଭଞ୍ଜନଗର ଉପଖଣ୍ଡର ବିଭିନ୍ନ ଗ୍ରାମ ପରିକ୍ରମା କରିବ। କାର୍ଯ୍ୟକ୍ରମକୁ ସମ୍ପାଦକ ଦୀନବନ୍ଧୁ ଗୌଡ଼ ପରିଚାଳନା କରିଥିଲେ।

■ଜାତୀୟ ରାଜପଥରେ ବଢୁଛି ଦୁର୍ଘଟଣା

# ଜିଲାପାଳଙ୍କୁ ଭେଟିଲା କଲେଜ ଛାତ୍ର ସଂଘ

ଛତ୍ରପୁର,୫।୯(ଡି.ଏନ.ଏ)

ଛତ୍ରପୁର କଲେଜ ଛକ ନିକଟ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଛି । ଏହାର ପ୍ରତିକାର ପାଇଁ କୌଣସି ପଦକ୍ଷେପ ନିଆଯାଉନି। ଏହି ସମସ୍ୟା ସମାଧାନ ସହ ଟ୍ରାଫିକ୍ ବ୍ୟବସ୍ଥା କରିବାକୁ ଛତ୍ରପୁର ବିଜ୍ଞାନ କଲେଜ ଛାତ୍ର ସଂଘ ଦାବି କରିଛି । ମଙ୍ଗଳବାର ସଂଘର କର୍ମକର୍ତ୍ତାଙ୍କ ଏକ ପ୍ରତିନିଧି ଦଳ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। କଲେଜ ଛକରେ ଟ୍ରାଫିକ ପୋଲିସ ବ୍ୟବସ୍ଥା ସହ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଜାତୀୟ ରାଜପଥ ପାର୍ ହୋଇ କଲେଜ, ଜେଲ୍, ସ୍କୁଲ, ଆଇଟିଆଇ ଓ ତରେଇପାଟପୁର ଗାଁକୁ ଯିବାକୁ ପଡିଥାଏ । ମାତ୍ର ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବା କୁହାଯାଇଛି। ଛାତ୍ରସଂଘର ସଭାପତି ଜ୍ଞାନ ରଞ୍ଜନ ସାହୁ, ସମ୍ପାଦକ ଶେଖର ନାହାକ, ଜିତୁରାଜ ବେହେରା, ତାପସ ରଞ୍ଜନ ରଥ, ଜି. ନରସିମ୍ହା ପ୍ରମୁଖ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ସଙ୍କୁଳସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

**ଚିକିଟି,୫।୯(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚିକିଟିପେଣ୍ଠସ୍ଥିତ ମିନି ଷ୍ଟାଡିୟମ୍ ପରିସରରେ ଦିଗପହଣ୍ଡି ସଂକୁଳ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ୨୦୧୮ ଉଦ୍‌ଯାପିତ ହୋଇଯାଇଛି। ଶିଶୁ ମନ୍ଦିର ପରିଚାଳନା କମିଟିର ସଭାପତି ବୃନ୍ଦାବନ ପାଢ଼ିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଦିଗପହଣ୍ଡି ସଂକୁଳ ପ୍ରମୁଖ କିଶୋର ଚନ୍ଦ୍ର ଭୂୟାଁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ସଂକୁଳ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଗଞ୍ଜାମ ଓ ଗଜପତି ଜିଲାର ୧୨ଟି ଶିଶୁମନ୍ଦିରର କ୍ରୀଡାବିତ୍‌ମାନେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚିକିଟି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମାକାନ୍ତ ସାହୁ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଗିରିଜା ପ୍ରସାଦ ରଥ ଅତିଥି ପରିଚୟ ଓ ବରିଷ୍ଠ ଆଚାର୍ଯ୍ୟ ଏସ୍. ସତ୍ୟନାରାୟଣ ଧନ୍ୟବାଦ ଅର୍ପଣ କରିଥିବାବେଳେ ସଂକୁଳ ଖେଳକୁଦ ପ୍ରମୁଖ ରବୀନ୍ଦ୍ର ନାଥ ସାହୁ ପରିଚାଳନା କରିଥିଲେ।

# ନିଆରା ଢଙ୍ଗରେ ଗୁରୁଦିବସ ପାଳନ

ଗଞ୍ଜାମ,୫।୯(ଡି.ଏନ.ଏ.)

ଗଞ୍ଜାମ ଏନ୍‌ଏସି ଅଧୀନ ବାଲିସାହିର ଛାତ୍ରୀଛାତ୍ରମାନେ ବୁଧବାର ନିଆରା ଢଙ୍ଗରେ ଗୁରୁ ଦିବସ ପାଳନ କରିଛନ୍ତି। ଏହି ଅବସରରେ ସେମାନେ ଟ୍ୟୁଶନ ଏବଂ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୂଜା କରିବା ପରେ ନିଜ ସାହିରେ ୧୫ରୁ ଊର୍ଦ୍ଧ୍ୱ ବିଭିନ୍ନ ଔଷଧୀୟ ଚାରା ରୋପଣ କରିଥିଲେ। ଏଥିସହିତ ଉକ୍ତ ସାହିର ଯୁକ୍ତ ଦୁଇ ଗଞ୍ଜାମ ମହାବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ରୀ ରେଶମା ନାୟକ ମଧ୍ୟ ନିଜ ଜନ୍ମ ଦିବସରେ କେକ୍ ନ କାଟି ନିଜ ସାହିରେ ଚାରା ଲଗାଇଥିଲେ। ସାହିର ପିଲାଙ୍କ ଏହିଭଳି ସଚେତନତା କାର୍ଯ୍ୟ ପାଇଁ ସାହିବାସୀ ପ୍ରଶଂସା କରିଥିଲେ। ଏଥିରେ ଶୀତଲ ନାୟକ, ଜସ୍‌ମିନ୍ ନାୟକ, ରୁପାଲି ନାୟକ, ଏଲିସା ନାୟକ, ଅଙ୍କିତା ଦାସ, ଅଞ୍ଜଳୀ, ଶ୍ରାବଣୀ, ଲିପି, କଳ୍ପନା, ସୁଇଟି, ଦିନେଶ, ନନ୍ଦିନି ପ୍ରମୁଖ ଉପସ୍ଥିତ ଥିଲେ। ବର୍ଷା ନାୟକ, ଲକ୍ଷ୍ମୀ ଓ ଶିବା ନାୟକ ସହଯୋଗ କରିଥିଲେ।



ଛାତ୍ରୀଛାତ୍ରମାନେ ଚାରା ରୋପଣ କରୁଛନ୍ତି।

# କୁକୁଡ଼ାଖଣ୍ଡି ପଞ୍ଚାୟତ ସମିତି ବୈଠକ

**କୁକୁଡ଼ାଖଣ୍ଡି,୫।୯(ଡି.ଏନ.ଏ.)**

କୁକୁଡ଼ାଖଣ୍ଡି ପଞ୍ଚାୟତ ସମିତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ସଭାପତିତ୍ୱ କରିଥିଲେ। ପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବୈଠକ ଆରମ୍ଭ ହୋଇଥିଲା। ଆରମ୍ଭରୁ ଜନପ୍ରତିନିଧିମାନେ ବିଭିନ୍ନ ପ୍ରସଙ୍ଗକୁ ନେଇ ହୋହଲ୍ଲା କରିଥିଲେ। ବଉଳଖୋଲି ସମିତିସଭ୍ୟା ସାକା ସବିତା ୩ ମାସରେ ଥରେ ସମିତି ବୈଠକ କରା ନ ଯାଇ ୮ ମାସ ପରେ କାହିଁକି କରାଗଲା ବୋଲି ପ୍ରଶ୍ନ କରିଥିଲେ। ପରେ ସହକାରୀ ଯନ୍ତ୍ରୀ ସୁଜିତ କୁମାର ତହଲଙ୍କୁ ଜନପ୍ରତିନିଧିମାନେ ପ୍ରଶ୍ନବାଣ କରିଥିଲେ। ୮ନଂ ଜୋନ ଜିଲା ପରିଷଦ ସଭ୍ୟ ବୃନ୍ଦାବନ ଖଟାଇ, ୧୦ନଂ ଜୋନ ଜିଲା ପରିଷଦ ସଭ୍ୟ ଏଲ. ମୋହନ ଦାସ, ହୁଗୁଳାପଟା ସରପଞ୍ଚ ପ୍ରଦୀପ କୁମାର ମଲାଣ ନିଜ ଅଞ୍ଚଳରେ ହୋଇଥିବା ଅଙ୍ଗନୱାଡ଼ି, ଗାଈଗୁହାଳ ଆଦିର ବିଲ୍ ଯନ୍ତ୍ରୀ ଉଦ୍ଦେଶ୍ୟମୂଳକ ଭାବେ କରୁଥିବା ଅଭିଯୋଗ କରିଥିଲେ। ପରେ ଆଇସିଡିଏସ ସିଡିପିଓ ସଙ୍ଗୀତା ପାତ୍ରଙ୍କୁ ଜନ ପ୍ରତିନିଧିମାନେ ଘେରି ପ୍ରଶ୍ନ କରିଥିଲେ। ତେବେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ପରେ ସ୍ୱଚ୍ଛ ଭାରତ ଅଭିଯାନରେ ନିର୍ମାଣ ହୋଇଥିବା ପାଇଖାନା ବିଲ କରାଯାଉ ନ ଥିବା ନେଇ ଜନପ୍ରତିନିଧିମାନେ ଆରଡବ୍ଲୁଏସଏସ ଯନ୍ତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ଏହାର ମଧ୍ୟ ସନ୍ତୋଷଜନକ ଉତ୍ତର ମିଳିପାରି ନ ଥିଲା। ପୁରୁଣା ବିଲ୍ ନ ହେବା ପର୍ଯ୍ୟନ୍ତ ନୂଆ ଆଉ ନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଶେଷରେ ମସିହାଖାଲି ଦେଇ ହିଞ୍ଜିଳି ବ୍ଲକର ଦୟାପଲି ଗ୍ରାମ ପର୍ଯ୍ୟନ୍ତ ମାଟି ରାସ୍ତାକୁ ଆରଡି ବିଭାଗ, ବ୍ରହ୍ମପୁରକୁ ହସ୍ତାନ୍ତର କରି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ କାର୍ଯ୍ୟକାରୀ କରିବା ପାଇଁ ସମିତିସଭ୍ୟ ନରସିଂହ ସାହୁ ପ୍ରସ୍ତାବ ଦେଇଥିଲେ। ଏହା କାର୍ଯ୍ୟକାରୀ କରିବା ପାଇଁ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଏବିଡିଓ ଭବାନୀ ଶଙ୍କର ପ୍ରଧାନ, କୁକୁଡ଼ାଖଣ୍ଡି ତହସିଲଦାର ପ୍ରତାପ ଚନ୍ଦ୍ର ପ୍ରଧାନ, ଗ୍ରାମପଞ୍ଚାୟତ ଅଧିକାରୀ ପ୍ରଶାନ୍ତ କୁମାର ରଥ, ବ୍ଲକ ଶିକ୍ଷାଧିକାରୀ ଏସ. ଗିରିଧର, ୨୨ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଏବଂ ଏମପି ପ୍ରତିନିଧି ସନାତନ ସଂଗ୍ରାମ ସିଂ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ମଞ୍ଚାସୀନ ଅଧିକାରୀ।

## ସଂକ୍ଷେପରେ

### ଚୋରା ମଦ ଜବତ, ୪ ଗିରଫ

ଦିଗପହଣ୍ଡି,୫।୯(ଡି.ଏନ.ଏ.): ଅବକାରୀ ବିଭାଗ ପକ୍ଷରୁ ବୁଧବାର ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଚୋରା ମଦ ବିକ୍ରି ଅଭିଯୋଗରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପାଟପୁର ଥାନା ହରିଣା ଗ୍ରାମର ରୋହିତ ନାୟକଙ୍କଠାରୁ ୫ ଲିଟର ଦେଶୀ ମଦ ଜବତ କରି ଚିକିଟି ଅବକାରୀ କାର୍ଯ୍ୟାଳୟ ମାମଲା ନଂ. ୧୩/୧୮-୧୯, ସାହାସପୁର ଗ୍ରାମର ସରୋଜ ସାହୁଙ୍କଠାରୁ ୧୬ଟି ବିଦେଶୀ ମଦ ଜବତ କରିବା ସହ ଦିଗପହଣ୍ଡି ଅବକାରୀ କାର୍ଯ୍ୟାଳୟ ମାମଲା ନଂ. ୨୮/୧୮-୧୯, ସୁମନ୍ତପୁରର ତାରିଣୀ ନାଇକଙ୍କଠାରୁ ୨୫ଟି ଦେଶୀ ମଦ ପାଉଚ ଜବତ କରାଯାଇ ବ୍ରହ୍ମପୁର ଅବକାରୀ ଷ୍ଟ୍ରାଇକିଂ ଫୋର୍ସ କାର୍ଯ୍ୟାଳୟ ମାମଲା ନଂ ୩୩/୧୮-୧୯, ବ୍ରହ୍ମପୁର ଅବକାରୀ ଷ୍ଟ୍ରାଇକିଂ ଫୋର୍ସ ଦିଗପହଣ୍ଡି ଥାନା ଓଡ଼ାସିଙ୍ଗି ଗ୍ରାମରେ ଚଢ଼ାଉ କରି ମଦ ବିକ୍ରେତା ଦେବାନନ୍ଦ ଚୌଧୁରୀଙ୍କଠାରୁ ୨୫ଟି ଦେଶୀ ମଦ ପାଉଚ ଜବତ କରି ନଂ. ୧୪/୧୮-୧୯ରେ ମାମଲା ରୁଜୁ କରାଯାଇଛି। ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ଏବଂ ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର କୁମାର ଭୋତ୍ରାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଇନ୍ସପେକ୍ଟର ସୁଶାନ୍ତ କୁମାର ପାଢ଼ୀ, ରୋଷନ ଇସୁ ହାଁସଦା, ଅଭିରାମ ସାହୁ, ଉତ୍ତମ କୁମାର ପଣ୍ଡା, ରବୀନ୍ଦ୍ର ନାଥ ପାଢ଼ୀଙ୍କ ସମେତ ବହୁ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

### ୭ ନାବାଳକ ଉଦ୍ଧାର

ଚନ୍ଦ୍ରଗିରି,୫।୯(ଡି.ଏନ୍.ଏ.): ରାଜ୍ୟ ପୋଲିସ ପକ୍ଷରୁ ଚାଲିଥିବା ପରୀ-୨ କାର୍ଯ୍ୟକ୍ରମରେ ଗଜପତି ଜିଲା ମୋହନା ଥାନା ତରଫରୁ ବୁଧବାର ଆଇଆଇସି ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଚନ୍ଦ୍ରଗିରି ଏବଂ ମୋହନା ଅଞ୍ଚଳରେ ଚଢ଼ାଉ କରାଯାଇ ୭ ଜଣ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ସେମାନଙ୍କୁ ମୋହନା ଚାଇଲ୍ଡ ଲାଇନ୍‌କୁ ହସ୍ତାନ୍ତର କରାଯାଇଥିବା ପୋଲିସ ସୂଚନା ଦେଇଛି। ଆଇଆଇସି ବେହେରାଙ୍କ ସହ ଏସ୍‌ଆଇ ପିଙ୍କି ମୁର୍ମୁ, ଏସ୍‌ଆଇ ସିଏଚ୍‌ସି କାମରାଜୁ, ଏସ୍‌ଆଇ ଏଆର ଜଗଦଲା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ଗୁରୁଦିବସରେ କଳାବ୍ୟାଜ ପରିଧାନ




ଜି.ଉଦୟଗିରି,୫।୯(ଡି.ଏନ.ଏ.): ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ଗୁରୁ ଦିବସରେ ଅଧାପିକା, ଅଧାପକ ଓ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଛନ୍ତି। ବ୍ଲକଗ୍ରାଣ୍ଟ ଶିକ୍ଷକ ଓ ଅଧାପକମାନଙ୍କୁ ପୂର୍ଣ୍ଣ ଅନୁଦାନ, ପେନସନ ପ୍ରଦାନ ଏପରି ଅନେକ ଦାବି ନେଇ ଏମାନେ ପ୍ରତିବାଦ କରିଛନ୍ତି ବୋଲି ଅଧକ୍ଷ ଶିବରାମ ସାହୁ କହିଛନ୍ତି। କେତେଜଣ ଅଧାପିକା ଭୁବନେଶ୍ୱର ଠାରେ ଧର୍ମଘଟରେ ଯୋଗ ଦେବାକୁ ଯାଇଥିବା ବେଳେ ଅନ୍ୟମାନେ ପ୍ରତିବାଦ କରିଛନ୍ତି। ଅଧାପିକା ସୁଧାରାଣୀ ପାତ୍ରଙ୍କ ସମେତ କଲେଜ କର୍ମଚାରୀମାନେ କଳାବ୍ୟାଜ୍ ଧାରଣ କରିଥିଲେ।

### ଲାୟନ୍ସ କ୍ଲବର ଗଭର୍ଣ୍ଣିଂ ବଡି ଗଠିତ

ସୋରଡ଼ା,୫।୯(ଡି.ଏନ୍.ଏ.): ଲାୟନ୍ସ କ୍ଲବ ସୋରଡ଼ାର ୩୩ତମ ସ୍ଥାପନ ଦିବସ ମଙ୍ଗଳବାର କ୍ଲବ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ଗଭର୍ନର ବିଶ୍ୱନାଥ ମହାନ୍ତି ମୁଖ୍ୟ ଅତିଥି, ଡେପୁଟି ଗଭର୍ନର ଡ. ପ୍ରଦୀପ କୁମାର ପଣ୍ଡା ସ୍ଥାପନା ଅଧିକାରୀ ଭାବେ ଯୋଗ ଦେଇଥିଲେ। ନିର୍ଦ୍ଦେଶକ ସୌମିକ ସାହୁ, ସଭ୍ୟ ମହେଶ୍ୱର ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି ସଭାକୁ ବରିଷ୍ଠ ସଭ୍ୟ ଡ. ପୀତାମ୍ବର ଖାଡ଼ଙ୍ଗା, ସ୍ୱେଚ୍ଛାସେବୀ ନୀଳାଞ୍ଚଳ ମଲିକ, ଉତ୍ତମ ପ୍ରଶାସକ ଭାବେ ତହସିଲଦାର ଅମର କୁମାର ବସନ୍ତ ରାୟ, ଥାନା ଅଧିକାରୀ ପ୍ରଭାତ ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ନୂତନସଭ୍ୟ ଜିଲା ଗଭର୍ଣ୍ଣର ସମ୍ମାନିତ କରିଥିଲେ। ଥାନା ଅଧିକାରୀ ସାହୁଙ୍କୁ ନୂତନ ସଭ୍ୟଭାବେ ଗ୍ରହଣ କରାଯାଇଥିଲା। ଗଭର୍ଣ୍ଣିଂ ବଡିରେ ସଭାପତି ଭାବେ ରଜନୀକାନ୍ତ ପାତ୍ର, କୋଷାଧକ୍ଷ ଶିବଶଙ୍କର ପଣ୍ଡା, ସମ୍ପାଦକ ବସନ୍ତ କୁମାର ପଣ୍ଡା, ଉପସଭାପତି ଡ. ଆଶିଷ କୁମାର ଖାଡ଼ଙ୍ଗା, ସୀତାରାମ ପଣ୍ଡା, ନିର୍ଦ୍ଦେଶକ ଭାବେ ସୌମିକ ସାହୁ, ଶ୍ରୀକାନ୍ତ ପଣ୍ଡା, ସନ୍ତୋଷ ଚୌଧୁରୀ ସହଯୋଗୀ ଭାବେ ମହେଶ୍ୱର ସାହୁ, ଦଣ୍ଡପାଣି ଖାଡଙ୍ଗାଙ୍କୁ ମନୋନୀତ କରାଯାଇଥିଲା। ନୂତନ ସଭାପତି ପାତ୍ରଙ୍କୁ ଜିଲା ଗଭର୍ନର ସ୍ୱାଗତ କରିଥିଲେ।

# ଗ୍ରାମ କମିଟିକୁ ଠାକୁର ଜମି ମାଲିକାନାସ୍ୱତ୍ୱ ଦାବି

**ଉପଜିଲାପାଳଙ୍କ ନିକଟରେ ଅଭିଯୋଗ**

ଫୁଲବାଣୀ ଅଫିସ, ୫।୯

ଫୁଲବାଣୀ ସହର ଜିରିଙ୍ଗପଡା ଗ୍ରାମରେ ଲକ୍ଷ୍ମୀ ନୃସିଂହନାଥ ମନ୍ଦିର ରହିଛି। ଏହି ମନ୍ଦିର ସମ୍ମୁଖ ପଡିଆକୁ ଜଣେ ବ୍ୟକ୍ତି ଜବର ଦଖଲ କରିବା ସହ ରାଜସ୍ୱ କାର୍ଯ୍ୟାଳୟରେ ଆପତ୍ତି ଅଭିଯୋଗ କରିଛନ୍ତି। ଜବରଦଖଲ ଯୋଗୁ ଠାକୁରଙ୍କ ଯାତ୍ରା, ପର୍ବପର୍ବାଣୀ ଆଦି ପାଇଁ ଭବିଷ୍ୟତରେ ବ୍ୟାଘାତ ସୃଷ୍ଟି ହେବ। ଠାକୁରଙ୍କ ଜମି ଭାବରେ ଗ୍ରାମ କମିଟିକୁ ଉକ୍ତ ପଡିଆ ଜମିର ମାଲିକାନାସ୍ୱତ୍ୱ ପ୍ରଦାନ କରିବାକୁ ଜିରିଙ୍ଗପଡା ଗ୍ରାମବାସୀ ବୁଧବାର ଉପ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଜିରିଂଗିପଡାର ଲକ୍ଷ୍ମୀନୃସିଂହନାଥ ମନ୍ଦିର ସମ୍ମୁଖରେ ପ୍ଲଟ ନଂ. ୯୮୫ରେ ଥିବା ପଡିଆରେ ଭାଇଚାରା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଠାକୁରଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଛି। ଯାତ୍ରା ସହ ଦଣ୍ଡନାଚ, ଗଣେଶ ପୂଜା, ସରସ୍ୱତୀ ପୂଜା, ରାଖୀ ପୂର୍ଣ୍ଣିମା, ଜନ୍ମାଷ୍ଟମୀ ଓ ବିଭିନ୍ନ ସଚେତନମୂଳକ କାର୍ଯ୍ୟ ଏହି ପଡିଆରେ ୪୦ ବର୍ଷ ହେବ ଅନୁଷ୍ଠିତ ହେଉଛି। ଏହି ଜାଗାକୁ ଜଣେ ଲୋକ ନିଜ ସ୍ଥାନ କହି ଏବେ ଜବରଦଖଲ କରିବା ସହ ରାଜସ୍ୱ କାର୍ଯ୍ୟାଳୟରେ ଆପତ୍ତି ଅଭିଯୋଗ କରିଛନ୍ତି। ଯଦି ରାଜସ୍ୱ ବିଭାଗ ଏହି ଜାଗାକୁ ତାଙ୍କୁ ପ୍ରଦାନ କରନ୍ତି, ତାହାଲେ ଠାକୁରଙ୍କ ଯାତ୍ରା, ପର୍ବପର୍ବାଣୀ ଆଦି ହୋଇ ପାରିବ ନାହିଁ। ତେଣୁ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ଜାଗାକୁ ଠାକୁରଙ୍କ ନାମରେ ଗ୍ରାମ କମିଟିକୁ ମାଲିକାନାସ୍ୱତ୍ୱ ପ୍ରଦାନ କରିବାକୁ ଜିରିଂଗିପଡା ଗ୍ରାମ ସଭାପତି ସୁଜିତ ବେହେରା, ଉପ ସଭାପତି ବଳଭଦ୍ର ବେହେରା ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଉପଜିଲାପାଳ ନିମାଇଁ ଚରଣ ସୂତାରଙ୍କୁ ପଚାରିବାରୁ ତହସିଲଦାରଙ୍କୁ ଘଟଣା ବିଷୟରେ ଅବଗତ କରାଯାଇଛି। ସେ ଯାଇ ପରିସ୍ଥିତି ଅନୁଧ୍ୟାନ କରିବେ ବୋଲି କହିଛନ୍ତି।



ଜିରିଙ୍ଗପଡା ଗ୍ରାମବାସୀ।

# ସଫେଇ କର୍ମଚାରୀଙ୍କ ବିକ୍ଷୋଭ

ହିଞ୍ଜିଳିକାଟୁ,୫।୯(ଡ଼ି.ଏନ୍.ଏ)

ହିଞ୍ଜିଳିକାଟୁ ପୌରାଞ୍ଚଳରେ ଦୈନିକ ଶ୍ରମିକ ଭାବେ ନିୟୋଜିତ ସଫେଇ କର୍ମଚାରୀମାନେ ବୁଧବାର ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଆରଏମସି ପରିସରରୁ ରାଲିରେ ବାହାରି ସହର ପରିକ୍ରମା କରିବା ପରେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା ଓ ପୂର୍ବତନ ଉପାଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ ଧାରଣାରତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସଫେଇ କର୍ମଚାରୀମାନେ ଦୀର୍ଘ ଦିନ ଧରି କାମ କରୁଥିଲେ ମଧ୍ୟ ନିୟମିତ କରାଯାଉ ନ ଥିବା ଅଭିଯୋଗ କରିଥିଲେ। ହାଜିରା ନେଉଥିବା କର୍ମଚାରୀମାନେ ଭୁଲ ତଥ୍ୟ ଦେଇ ସଫେଇ କର୍ମଚାରୀଙ୍କ ଟଙ୍କା ହଡ଼ପ କରୁଥିବାରୁ ବ୍ୟାଙ୍କ ପାସବହିରେ ମଜୁରି ଜମା କରିବା ଓ ସାମାଜିକ ସୁରକ୍ଷା ପାଇଁ ଭବିଷ୍ୟନିଧି ପାଣ୍ଠି ପ୍ରଦାନ, କାମ ସମୟରେ ଆହତ ହେଲେ ଚିକିତ୍ସା ଖର୍ଚ୍ଚ ପୌର ପ୍ରଶାସନ ପ୍ରଦାନ କରିବାକୁ ଦାବି କରିଥିଲେ। ଆଲୋଚନା ପରେ ଏଣିକି ସଫେଇ କର୍ମଚାରୀଙ୍କ ମଜୁରୀ ବ୍ୟାଙ୍କ ଦ୍ୱାରା ପ୍ରଦାନ କରିବାକୁ କର୍ତ୍ତୃପକ୍ଷ ରାଜି ହୋଇଥିଲେ। ଅନ୍ୟ ଦାବି ସମ୍ପର୍କରେ ବିଚାର କରାଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ବିକ୍ଷୋଭ ପ୍ରଦର୍ଶନ କରୁଥିବା ସଫେଇ କର୍ମଚାରୀମାନେ।

## ଓଡ଼ିଆ ବିଭାଗର ରଜତ ଜୟନ୍ତୀ ସମାରୋହ

ବୁଗୁଡ଼ା,୫।୯(ଡି.ଏନ.ଏ.)

ବୁଗୁଡ଼ା ପିପୁଲ୍ସ କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ରଜତ ଜୟନ୍ତୀ ସମାରୋହ ଓ ପାଠଚକ୍ର ମଙ୍ଗଳବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ କଲେଜ ଅଧକ୍ଷ ରଜନୀକାନ୍ତ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସିଟି କଲେଜ ଓ ମହାମାୟୀ କଲେଜର ପୂର୍ବତନ ଅଧକ୍ଷ ଲମ୍ବୋଦର ପାଣିଗ୍ରାହୀଙ୍କ ସମେତ ପିପୁଲ୍ସ କଲେଜ ଓଡ଼ିଆ ବିଭାଗର ମୁଖ୍ୟ ଡ. ପ୍ରଶାନ୍ତ କୁମାର ମହାପାତ୍ର, ଅଧ୍ୟାପକ ହିମାଂଶୁ ଶେଖର ରଥ, ସଞ୍ଜୟ କୁମାର ପ୍ରଧାନ ଓ ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ର ସନ୍ତୋଷ ବାରିକ ଫକିର ମୋହନଙ୍କ ଗଳ୍ପରେ ସଂସ୍କାର ଚେତନା ଓ ସାମ୍ପ୍ରତିକ ଯୁଗରେ ଏହାର ପ୍ରାସଙ୍ଗିକତା ଶୀର୍ଷକ ପ୍ରବନ୍ଧ ପାଠ କରିଥିଲେ। ଏହି ଅବସରରେ ଶୀର୍ଷକ ପ୍ରବନ୍ଧ ଉପରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଆ ସାହିତ୍ୟ ସମାଜର ସମ୍ପାଦକ ପଞ୍ଚାନନ ପଲାଇ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ ଛାତ୍ରୀ ଯାଜ୍ଞସେନୀ ଜେନା, ବନିତା ସ୍ୱାଇଁ, ପ୍ରିୟଙ୍କା ମହାନ୍ତି ଓ ଲିପିକା ସାହୁ। ସଞ୍ଜୟ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ମାଡ ମାରିବା ଅଭିଯୋଗ, ଜଣଙ୍କୁ ଦୋଷୀ ସାବ୍ୟସ୍ତ କଲେ କୋର୍ଟ

ଶେରଗଡ,୫।୯(ଡି.ଏନ୍.ଏ.)

ଶେରଗଡ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବେଦପ୍ରକାଶ ବୁଧବାର ମା’ ଓ ପୁଅଙ୍କୁ ମାଡ ମାରିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କୁ ୩୨୩ ଆଇପିସିରେ ଦୋଷୀ ସାବ୍ୟସ୍ତ କରିବା ସହ ସେକ୍ସନ ୩ ପ୍ରୋବେସନ ଅଫ୍ ଅଫେଣ୍ଡର ଆକ୍ଟରେ ଚେତାବନୀ ଦେଇ ଛାଡିଛନ୍ତି। ପ୍ରକାଶ ଯେ, ୧୨ ଜୁଲାଇ ୨୦୧୬ରେ ତହଁର ଗ୍ରାମର କାମିନି ଦଳେଇ ଓ ତାଙ୍କ ପୁଅଙ୍କୁ ରାସ୍ତାରେ ପୀତାମ୍ବର ଦଳେଇ ମାଡ ମାରିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୧୪୯/୨୦୧୬ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଶୁଣି ବିଚାରପତି ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ତରଫରୁ କ୍ୟାଡର ଏପିପି ସରୋଜ କୁମାର ମଲ୍ଲିକ ଏବଂ ଏପିପି ରାଧାକୃଷ୍ଣ ଡାକୁଆ ମାମଲା ପରିଚାଳନା କରିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ଆଲୋକ



@ ତ୍ରିଲୋଚନ



@ ପ୍ରଶାନ୍ତ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ପରୀ–୨: ଦିଗପହଣ୍ଡିରୁ ୧୭ ଶିଶୁ ଶ୍ରମିକ ଉଦ୍ଧାର

ଦିଗପହଣ୍ଡି, ୫।୯(ଡି.ଏନ.ଏ.)

ଦିଗପହଣ୍ଡି ସହରର ବିଭିନ୍ନ ହୋଟେଲ ଓ ବ୍ୟବସାୟ ପ୍ରତିଷ୍ଠାନରେ ବୁଧବାର ବ୍ରହ୍ମପୁର ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢ଼ାଉ କରି ୧୭ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି। ସେମାନଙ୍କ ମଧ୍ୟରେ ୩ ଜଣ ନାବାଳିକା ଥିବା ବେଳେ ୧୪ ଜଣ ନାବାଳକ ଅଛନ୍ତି। ଉଦ୍ଧାର ଶିଶୁଙ୍କୁ ବ୍ରହ୍ମପୁରସ୍ଥିତ ଜିଲା ଶିଶୁ କଲ୍ୟାଣ ସମିତି କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଥିଲା। ରାଜ୍ୟ ଗୃହ ବିଭାଗ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ କରାଯାଇଥିବା ଚିକିଟି ଏସଡିପିଓ ପ୍ରକାଶ ଚନ୍ଦ୍ର ଜେନା କହିଛନ୍ତି। ବ୍ରହ୍ମପୁର ପୋଲିସ ପକ୍ଷରୁ ଗଠନ କରାଯାଇଥିବା ସ୍ୱତନ୍ତ୍ର ସ୍କ୍ୱାର୍ଡର ଏସ୍‌ଆଇ ଆର.କେ. ନାୟକ, ବିନୀତ ଶତପଥୀ, ପିକେ ଆଚାର୍ଯ୍ୟ, ରବୀନ୍ଦ୍ର ପାଣିଗ୍ରାହୀ, ଜ୍ୟୋତି ଦେବୀଙ୍କ ସମେତ ଦିଗପହଣ୍ଡି ଥାନା ପୋଲିସ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

## ଗଞ୍ଜେଇ ସହ କାର ଜବତ, ଚାଳକ ଗିରଫ

ବାଲିଗୁଡା,୫।୯(ଡି.ଏନ୍.ଏ.)

ବାଲିଗୁଡା ପୋଲିସ ଗଞ୍ଜେଇ ଚାଲାଣ ହେଉଥିବା ଏକ କାରକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଦଣ୍ଡପଦର ଠାରେ ଏକ କାର୍‌କୁ ଅଟକାଇ ଯାଞ୍ଚ ବେଳେ ସେଥିରେ ୩୫ କେଜି ଗଞ୍ଜେଇ ମିଳିଥିଲା। କାର୍ ଚାଳକଙ୍କୁ ପୋଲିସ ଗିରଫ କରିଥିବାବେଳେ ଅନ୍ୟଜଣେ ଫେରାର ହୋଇଯାଇଥିଲେ। ପୋଲିସ କାର (ନଂ.ଓଆର୦୧କ୍ୟୁ-୧୨୨୧)କୁ ଜବତ କରିଛି। ଗିରଫ ଚାଳକ କଟକ ଜିଲା ତିଗିରିଆ ଥାନା କରଡାପଲ୍ଲୀର ମେହେରୁନ୍ ମହମ୍ମଦ ବୋଲି ଜଣାପଡିଛି।

### ବିଦ୍ୟୁତ୍ ତାର ଉପରେ ପଡିଲା ଗଛ

# କନ୍ଧମାଳ ଜିଲାକୁ ୭ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ

ଜି.ଉଦୟଗିରି,୫।୯(ଡି.ଏନ.ଏ.)

କଣ୍ଟେଇପଲ୍ଲିରୁ ଫୁଲବାଣୀ ଗ୍ରୀଡ୍‌କୁ ଯାଇଥିବା ୧୩୨ କେଭି ଲାଇନ ତାରରେ ଗଛ ପଡ଼ିଯିବାରୁ ସମଗ୍ର କନ୍ଧମାଳ ଜିଲା ଦିନ ୧୧ଟାରୁ ସନ୍ଧ୍ୟା ୬ଟାଯାଏ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଏନେଇ ଫୁଲବାଣୀ ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମହାନ୍ତିଙ୍କୁ ପଚାରିବାରୁ କଳିଙ୍ଗା ନିକଟସ୍ଥ ଦିବେଢ଼ିରେ ୧୩୨ କେଭି ଲାଇନରେ ଗଛ ପଡ଼ିବାରୁ ବିଦ୍ୟୁତ୍ କଟିଥିବା କହିଥିଲେ। ଏଥିରେ ଜଣଙ୍କର ମୃତ୍ୟୁ ଘଟିଛି ବୋଲି ଶୁଣାଯାଉ ଥିବାବେଳେ ଏନେଇ କୌଣସି ଖବର ତାଙ୍କ ପାଖରେ ନାହିଁ ବୋଲି ନିର୍ବାହୀ ଯନ୍ତ୍ରୀ କହିଛନ୍ତି। ଜି.ଉଦୟଗିରି ଆଇଆଇସି ବାଳକୃଷ୍ଣ କହଁର ମୃତ୍ୟୁ ନେଇ କୌଣସି ସୂଚନା ନାହିଁ ବୋଲି କହିଥିଲେ। ଜି.ଉଦୟଗିରି ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ପବିତ୍ର ସାହୁଙ୍କୁ ପଚାରିବାରେ ବିଦ୍ୟୁତ ଲାଇନରେ ଗଛ ପଡ଼ିବା ଯୋଗୁ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା, ଗଛ କାଟି ସଫା କରାଯିବା ପରେ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇଥିବା କହିଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ, ୫ ଗିରଫ

ସୋରଡ଼ା,୫।୯(ଡି.ଏନ୍.ଏ.)

ଅସୁରବନ୍ଧ ନିକଟ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ପୋଲିସ ମଙ୍ଗଳବାର ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫ଟି ମୋଟର ସାଇକେଲ, ନଗଦ ୨୩ ହଜାର ୭୬୦ ଟଙ୍କା ଜବତ କରିଥିବା ଥାନା ଅଧିକାରୀ ପ୍ରଭାତ ସାହୁ ସୂଚନା ଦେଇଛନ୍ତି।

## ୧୪୬ଜଣ ଦେଲେ ବୃତ୍ତି ପରୀକ୍ଷା

ଶେରଗଡ,୫।୯(ଡି.ଏନ୍.ଏ.)

ଶେରଗଡସ୍ଥିତ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ୧୪୬ଜଣ ଛାତ୍ରୀଛାତ୍ର ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଇଛନ୍ତି। ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ରଙ୍କ ସମେତ ୭ଜଣ ଶିକ୍ଷକ ପରୀକ୍ଷା ପରିଚାଳନା କରିଥିଲେ। ବିଇଓ ଭାସ୍କର ଲେଙ୍କା, ଏବିଇଓ ଶୈଳେନ୍ଦ୍ରୀ ଦଳେଇ କେନ୍ଦ୍ର ପରିଦର୍ଶନ କରିଥିଲେ।

# ଛାତ୍ରୀଛାତ୍ରଙ୍କ ପ୍ଲାଷ୍ଟିକ୍ ବର୍ଜନ ସଚେତନତା



ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

ପୁରୁଷୋତ୍ତମପୁର,୫।୯(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ଏନ୍‌ଏସି ପ୍ରଶାସନ ସ୍ୱଚ୍ଛ ଭାରତ ଅଭିଯାନକୁ କେବଳ ସୋସିଆଲ ମିଡିଆରେ ସୀମିତ ରଖିଛି। ସହରକୁ ସ୍ୱଚ୍ଛ ରଖିବା ପାଇଁ ସେଭଳି କୌଣସି ପଦକ୍ଷେପ ନିଆଯାଉନି। ଏଭଳି କ୍ଷେତ୍ରରେ ବୁଧବାର ଗୁରୁଦିବସରେ ସ୍ଥାନୀୟ ଶ୍ରୀରାମ ଆଦର୍ଶ ଶିକ୍ଷା ନିକେତନର ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ, ପଲିଥିନ ବର୍ଜନ ଲାଗି ଶପଥ ନେବା ସହ ସହରବାସୀଙ୍କୁ ସଚେତନ କରାଇଛନ୍ତି। ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରାକୁ ପୁରୁଷୋତ୍ତମପୁର ଥାନା ଆଇଆଇସି ଅଜୟ କୁମାର ବାରିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରଧାନଶିକ୍ଷକ ରାମଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ବ୍ଲକ କାର୍ଯ୍ୟାଳୟ ନିକଟରୁ ବାହାରି ବଜାର ଓ ବିଭିନ୍ନ ସାହି ବୁଲି ପଲିଥିନରେ ଜିନିଷ ନେଉଥିବା ଲୋକଙ୍କୁ କନାରେ ତିଆରି ବ୍ୟାଗ୍ ବାଣ୍ଟିଥିଲେ। ଆଗକୁ ପଲିଥିନ ବ୍ୟବହାର ନ କରିବାକୁ ସଚେତନ କରାଇଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ମକ୍‌ଡ୍ରିଲ

ଗୋପାଳପୁର,୫।୯

ସୁନାମୀ, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକର ମୁକାବିଲା ପାଇଁ ଓସଡମା ଓ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରଙ୍ଗେଇଲୁଣ୍ଡା ବ୍ଲକ ଭେଙ୍କେଟରାୟପୁର ଗ୍ରାମରେ ସମୁଦ୍ର ନିକଟବର୍ତ୍ତୀ ଦୁଇ କିମି ମଧ୍ୟରେ ରହୁଥିବା ଗ୍ରାମବାସୀଙ୍କୁ ଆଗୁଆ ସୁନାମୀର ସୂଚନା ପାଇ ଲୋକମାନଙ୍କୁ କିଭଳି ଉଦ୍ଧାର କରାଯିବା, ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ ସେନେଇ ମକ୍‌ଡ୍ରିଲ ହୋଇଥିଲା। ଏହି ସମୟରେ ବିପଦପୂର୍ଣ୍ଣ ସ୍ଥାନରେ ଲୋକମାନେ ନ ରହିବାକୁ ସଚେତନ କରାଯାଇଥିଲା। ଏଥିରେ ଓସ୍‌ଡମା ଚିଫ ଜେନେରାଲ ମ୍ୟାନେଜର ଶୁଭେନ୍ଦୁ କୁମାର ନାୟକ, ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ, କନିଷ୍ଠ ତହସିଲଦାର ଡ. ଶରତ ଚନ୍ଦ୍ର ମହାପାତ୍ର, ଆର୍ମି ଅଫିସର ଏନ. ଧନରାଜ, ଗୋପାଳପୁର ଥାନାଧିକାରୀ ସୁଶାନ୍ତ କୁମାର ସାହୁ, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାତୀ କୁମାରୀ ମହାପାତ୍ର, ଓଡ୍ରାଫର ଦିପ୍ତୀମୟୀ ତ୍ରିପାଠୀ, ଅଶୋକ କୁମାର ବେହେରା, ସରପଞ୍ଚ ଡ଼ି. ପଦ୍ମନାଭଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



ଓଡ୍ରାଫ ଟିମର ମକ୍‌ଡ୍ରିଲ।

## ସଂକ୍ଷେପରେ

ପରୀ-୨

### ୮୮ ଶିଶୁ ଶ୍ରମିକ ଉଦ୍ଧାର

ଛତ୍ରପୁର,୫।୯(ଡି.ଏନ.ଏ)-ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ୧ ତାରିଖରୁ ପରୀ-୨ ଆରମ୍ଭ ହୋଇଛି । ଶିଶୁ ଶ୍ରମିକ ଏବଂ ନିଖୋଜ ଶିଶୁମାନଙ୍କୁ ଉଦ୍ଧାର କରିବା ଏହାର ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ଏହି ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପକ୍ଷରୁ ଚଢାଉ କରାଯାଇ ଏ ପର୍ଯ୍ୟନ୍ତ ୮୮ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ମଙ୍ଗଳବାର ୫୫ ଶିଶୁ ଶ୍ରମିକ ଉଦ୍ଧାର ହୋଇଥିଲେ। ସେଥିମଧରେ କୋଦଳା ଥାନା ଅଞ୍ଚଳରୁ ୮, ଭଞ୍ଜନଗର ଥାନା ଅଞ୍ଚଳରୁ ୭, ପୁରୁଷୋତ୍ତମପୁର ଥାନା ଅଞ୍ଚଳରୁ ୨୦, ପୋଲସରାରୁ ୧୩, କବିସୂର୍ଯ୍ୟନଗରରୁ ଜଣେ ଏବଂ ବଗଗଡ ଥାନା ଅଞ୍ଚଳରୁ ୪ ଜଣ ଉଦ୍ଧାର ହୋଇଥିଲେ। ଏମାନଙ୍କୁ ବିଭିନ୍ନ ଢାବା ଓ ବ୍ୟବସାୟିକ ପ୍ରତିଷ୍ଠାନରୁ ଉଦ୍ଧାର କରାଯାଇ ବ୍ରହ୍ମପୁରସ୍ଥିତ ସିଡବ୍ଲ୍ୟୁସି (ଶିଶୁ କଲ୍ୟାଣ କମିଟି)କୁ ହସ୍ତାନ୍ତର କରାଯାଇଥିଲା । ଏହି ଅଭିଯାନ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

### ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ

କୋଦଳା,୫।୯(ଡ଼ି.ଏନ୍.ଏ.) କୋଦଳାସ୍ଥିତ କଲ୍ୟାଣ ମଣ୍ଡପରେ ରବିବାର ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ମହାସଚିବ ଦଣ୍ଡପାଣି ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ନଗରପାଳିକା ସୁନିତା ପ୍ରଭା ସାହୁ ଉଦ୍‌ଘାଟନ କରିଥିଲେ। ଐତିହାସିକ ତଥା ପୂର୍ବତନ କୁଳପତି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ମନ୍ମଥ ନାଥ ପାଢ଼ୀ, ମୁଖ୍ୟବକ୍ତା, ଶିକ୍ଷାବିତ ଭାଲଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ବିପ୍ଳବ କବି ପ୍ରଶାନ୍ତ ମିଶ୍ର, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ବିଦ୍ୟୁତପ୍ରଭା ସାହୁ ଓ ସମ୍ମିଳନୀର ସଭାପତି ଅନ୍ତର୍ଯ୍ୟାମୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ କୋଦଳା ଗୀତିକାର ଓ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ବନମାଳୀ ମହାରଣାଙ୍କ ସ୍ମୃତି ସମାରୋହ ପାଳିତ ହୋଇଥିଲା ।

### ସମ୍ମାନିତ ହେଲେ ଅବସରପ୍ରାପ୍ତ ଶିକ୍ଷକ

ପାତ୍ରପୁର,୫।୯(ଡି.ଏନ.ଏ.): ପାତ୍ରପୁର ବ୍ଲକ ମିଳିତ ଶିକ୍ଷକ ସଂଘ ତରଫରୁ ଶିକ୍ଷକ ଭବନଠାରେ ବୁଧବାର ଗୁରୁଦିବସ ପାଳିତ ହୋଇଛି। ସଂଘ ସଭାପତି ରାଜେଶ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଇଓ କୁରେଶୁ ସେଠୀ ମୁଖ୍ୟଅତିଥି, ଅବସର ପ୍ରାପ୍ତ ଶିକ୍ଷାବିତ୍ କେ.କୃଷ୍ଣମୂର୍ତ୍ତି ମୁଖ୍ୟବକ୍ତା, କୈଳାସ ଚନ୍ଦ୍ର ବେହେରା, ଏବିଇଓ ଜଗନ୍ନାଥ ଭୂୟାଁ, ଏବିଇଓ ପ୍ରଫୁଲ୍ଲ ଚନ୍ଦ୍ର ଚୌଧୁରୀ ଏବଂ ସମ୍ପାଦକ ଶଶାଙ୍କ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ଅବସରପ୍ରାପ୍ତ ୮ ଶିକ୍ଷକଙ୍କୁ ସଂଘ ତରଫରୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସରକାର ଶିକ୍ଷକମାନଙ୍କୁ ପାଠପଢ଼ା ବାଦ ବିଭିନ୍ନ ଦାୟିତ୍ୱ ଦେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଟୁଟୁ ପ୍ରଧାନ, ପ୍ରଫୁଲ୍ଲ କୁମାର ପାଢୀ, ତ୍ରିଲୋଚନ ପାଢୀ, ଶିଶିର ମହାପାତ୍ର, ନିଶାମଣି ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବହୁ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗ ଦେଇଥିଲେ ।

### ଆଦିବାସୀ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

ବାଲିଗୁଡା,୫।୯(ଡି.ଏନ.ଏ.)-ସରକାର ବାଲିଗୁଡାର ଆଦିବାସୀ ମହାବିଦ୍ୟାଳୟର ଭିତ୍ତିଭୂମି ହାତକୁ ନେଇ ଏହାର ବିକାଶ ନିମନ୍ତେ ଦେଢ କୋଟି ଟଙ୍କା ଅନୁଦାନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଏ ସମ୍ପର୍କିତ ଘୋଷଣାକୁ ନେଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ ଏକ କୃତଜ୍ଞତା ତଥା ସମ୍ବର୍ଦ୍ଧନା ପର୍ବ ପାଳନ କରାଯାଇଥିଲା । ୪୦ ବର୍ଷର ଇତିହାସକୁ ନେଇ ଏକ ଚଳଚ୍ଚିତ୍ର ପରିବେଷଣ କରାଯାଇଥିଲା । ଅଧକ୍ଷ ଶରତ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ସଭା ହୋଇଥିଲା । ଡ. ବିଭୂତି ଭୂଷଣ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ସୁଶାନ୍ତ କୁମାର ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକ ରାଜୀବ ପାତ୍ର କହିଛନ୍ତି, ଅତି ଶିଘ୍ର ଏହି ମହାବିଦ୍ୟାଳୟକୁ ସରକାରୀକରଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି ରଖିବି । ସମ୍ମାନିତ ଅତଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ରବି ଚନ୍ଦ୍ର ପାଳ, ବିଜେଡି ବ୍ଲକ ସଭାପତି ଟୁନା ଦାସ, ଏନ୍ଏସି ଅଧକ୍ଷା ମମତା ବେହେରା, ଉପାଧକ୍ଷ ଲୋକନାଥ ପାଢୀ ଓ ଅଧ୍ୟାପକ ସୁରେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

■ଗୁରୁଦିବସରେ ପ୍ଲାଷ୍ଟିକ୍ ବର୍ଜନ ନିଷ୍ପତ୍ତି

# ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଛାତ୍ରୀଛାତ୍ର ସାମିଲ

ଭଞ୍ଜନଗର,୫।୯(ଡି.ଏନ.ଏ)

ସମଗ୍ର ଦେଶରେ ଗୁରୁଦିବସ ପାଳନ ହେଉଥିବା ବେଳେ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଛାତ୍ରୀଛାତ୍ର ନିଆରା ଢ଼ଙ୍ଗରେ ଏହାକୁ ପାଳନ କରିଛନ୍ତି। ବିଭାଗ ପକ୍ଷରୁ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁରୁଦିବସର ତାତ୍ପର୍ଯ୍ୟ ଏବଂ ଗୁରୁ ଶିଷ୍ୟ ସମ୍ପର୍କ ଉପରେ କହିଥିଲେ। ଏଥିସହ ବାଇକ୍ ଓ ସ୍କୁଟି ଚଳାଉଥିବା ଛାତ୍ରୀଛାତ୍ରମାନେ ଗାଡ଼ି ଚଳାଇବା ସମୟରେ ହେଲମେଟ୍ ବ୍ୟବହାର ସହ ଡ୍ରାଇଭିଂ ଲାଇସେନ୍ସ ପାଖରେ ରଖିବା ପାଇଁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ପରିବେଷ ପ୍ରଦୂଷଣ ମାତ୍ରା ବଢିବାରେ ଲାଗିଛି। ଯାହାକି ମାନବ ସମାଜ ପାଇଁ ବିପଦ। ପ୍ଲାଷ୍ଟିକ୍ ଏବଂ ପଲିଥିନ ଯୋଗୁ ପରିବେଶ ବିଶେଷ ଭାବେ ପ୍ରଦୂଷିତ ହେଉଛି। ଏହାଦ୍ୱାର ନୂଆ ନୂଆ ରୋଗ ମଧ ସୃଷ୍ଟି ହେଉଛି। ତେଣୁ ସରକାରଙ୍କ ପକ୍ଷରୁ ପ୍ଲାଷ୍ଟିକ୍ ଓ ପଲିଥିନ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯାଇଛି। ଛାତ୍ରୀଛାତ୍ରମାନେ ମଧ ପ୍ଲାଷ୍ଟିକ୍ ଏବଂ ପଲିଥିନ ବ୍ୟବହାରକୁ ବର୍ଜନ କରିବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅଧକ୍ଷ ଆହ୍ୱାନ କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ଧରିତ୍ରୀ ଏବଂ ଓଡିଶା ପୋଷ୍ଟ ପକ୍ଷରୁ ଚାଲିଥିବା ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ପ୍ରଚାରରେ ସାମିଲ ହେବାପାଇଁ ନିଷ୍ପତ୍ତି ନେଇଥିଲେ। ଯୁକ୍ତ୨ ଧନ୍ଦାମୂଳକ ଶିକ୍ଷାନଷ୍ଠାନ ଦାୟିତ୍ୱରେ ଥିବା ପ୍ରାଧ୍ୟାପକ ଡ. ବିନୋଦ ଦାସ, ପ୍ରଶାସନିକ ଅଧିକାରୀ ଡ. ସୁବାସ ଚନ୍ଦ୍ର ପ୍ରଧାନ, ସହ ପ୍ରଶାସନିକ ଅଧିକାରୀ ଡ. ଆର.ଏନ.ପାଳ, ପ୍ରାଧ୍ୟାପକ ଏସ୍. କେ. ମିଶ୍ର, ଡ. ପୀତବାସ ପାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅଧ୍ୟାପିକା ସସ୍ମିତା ଦାସ, ସୁଧାଶ୍ରୀ ନାୟକ, ପ୍ରତିଧ୍ୱନି ସ୍ୱାଇଁ, ଦୀପାନିତା କର, ଅଧ୍ୟାପକ ଲକ୍ଷ୍ମୀକାନ୍ତ ମହାପାତ୍ର, ମନୋରଞ୍ଜନ ସାହୁ, ରାମଚନ୍ଦ୍ର ହେମ୍ବ୍ରମ୍ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବିଭାଗୀୟ ଛାତ୍ରୀଛାତ୍ର ସହଯୋଗ କରିଥିଲେ।


ଧରିତ୍ରୀ ଏବଂ ଓଡିଶା ପୋଷ୍ଟ ପକ୍ଷରୁ ଚାଲିଥିବା ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଅଭିଯାନରେ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଛାତ୍ରୀଛାତ୍ରମାନେ ସାମିଲ ହୋଇଛନ୍ତି।

## ମୁଁ ହିରୋ, ମୁଁ ଓଡ଼ିଶା ସଚେତନତା

ଦିଗପହଣ୍ଡି,୫।୯(ଡି.ଏନ.ଏ.)

ଦିଗପହଣ୍ଡି ହାଇସ୍କୁଲ ମିନି ଷ୍ଟାଡିୟମଠାରେ ବୁଧବାର ବିଜୁ ଯୁବ ବାହିନୀ ପ୍ରାୟୋଜିତ ମୁଁ ହିରୋ ମୁଁ ଓଡ଼ିଶା ସଚେତନତା ରଥକୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗଞ୍ଜାମ ଜିଲା ବିଜୁ ଯୁବ ବାହିନୀ ସଂଯୋଜକ ସନ୍ତୋଷ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ସଚେତନତା ସଭାରେ ଦିଗପହଣ୍ଡି ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଦିଗପହଣ୍ଡି ବ୍ଲକ ଭାରପ୍ରାପ୍ତ ବିଡିଓ ପୀତାମ୍ବର ବେହେରା, ହରିବନ୍ଧୁ ରେଡ୍ଡୀ, ବ୍ଲକ ଉପାଧକ୍ଷା ପ୍ରତିନିଧି ଏମ. ନିରଞ୍ଜନ ରେଡ୍ଡୀ, ବିଜୁ ପଟ୍ଟନାୟକ ମହିଳା କଲେଜ ଅଧକ୍ଷା ସ୍ୱାଗତିକା ପାତ୍ର, ସସ୍ମିତା ପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଜୁ ଯୁବ ବାହିନୀ ପ୍ରକଳ୍ପ ସଂଯୋଜକ ଅଜିତ କୁମାର ପଣ୍ଡିତ, ହିମାଂଶୁ ଶେଖର ପାଢ଼ୀ, ସନ୍ତୋଷ କୁମାର ଦୋରା, ସନ୍ତୋଷ ବାଢ଼ତ୍ୟା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ବିଜୁ ପଟ୍ଟନାୟକ କଲେଜ ଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ମୋ ସ୍କୁଲ ଗୁରୁଦକ୍ଷିଣା କାର୍ଯ୍ୟକ୍ରମ

# 'ତଳେ ବସିବାକୁ ନା'

ହିଞ୍ଜିଳିକାଟୁ,୫।୯(ଡ଼ି.ଏନ୍.ଏ.)

ସରକାରୀ ସ୍କୁଲରେ ଛାତ୍ରୀଛାତ୍ର ବସି ପଢ଼ିବା ନିମନ୍ତେ ବେଞ୍ଚ, ଡ଼େସ୍କର ବ୍ୟବସ୍ଥା ପାଇଁ ଜନସାଧାରଣଙ୍କ ସହଭାଗିତାରେ ଜିଲା ପ୍ରଶାସନ ପକ୍ଷରୁ ତଳେ ବସିବାକୁ ନା' (ଆସନ) ପଦକ୍ଷେପ ଗ୍ରହଣ କରାଯାଇଛି। ମୋ ସ୍କୁଲ ଗୁରୁ ଦକ୍ଷିଣା କାର୍ଯ୍ୟକ୍ରମ ମାଧ୍ୟମରେ ହିଞ୍ଜିଳିକାଟୁ ବ୍ଲକ ପୋଚିଲିମା ପ୍ରାଥମିକ ବିଦ୍ୟାଳୟରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଏହାର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଏନ. ରଘୁନାଥ, ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ତହସିଲଦାର ଗୋପୀନାଥ କୁଅଁର, ବ୍ଲକ ଶିକ୍ଷାଧିକାରୀ ଉମା ଚରଣ ତ୍ରିପାଠୀ, ପୋଚିଲିମା ସରପଞ୍ଚ ଭି. ରବୀନ୍ଦ୍ର, କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର ପବିତ୍ର ମୋହନ ସାହୁ, ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ସୁରେନ୍ଦ୍ର ପ୍ରଧାନ ଓ ପୂର୍ବତନ ହିଞ୍ଜିଳିକାଟୁ ପୌର ଉପାଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବରୁ ଏହି ସ୍କୁଲରୁ ସଂଗୃହୀତ ୩୦ ହଜାର ଟଙ୍କା ଓ ସରକାରଙ୍କ ୬୦ ହଜାର ଟଙ୍କା ଅନୁଦାନରେ ଛାତ୍ରୀଛାତ୍ରଙ୍କ ପାଇଁ ବେଞ୍ଚ ଡ଼େସ୍କ କିଣାଯାଇଛି। ୫ମ ଶ୍ରେଣୀ ଛାତ୍ରୀ ଭି. ତନୁଶ୍ରୀ ରିବନ କାଟି ବେଞ୍ଚ ଡ଼େସ୍କ ପଡ଼ିଥିବା ଶ୍ରେଣୀଗୃହକୁ ଉଦଘାଟନ କରିଥିଲେ। ପରେ ଜିଲାପାଳ ଓ ଅନ୍ୟ ପଦାଧିକାରୀ ପୌରାଞ୍ଚଳର ଲକ୍ଷ୍ମୀନୃସିଂହ ପ୍ରାଥମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୋ ସ୍କୁଲ ଅଭିଯାନରେ ସ୍କୁଲର ପୁରାତନ ଛାତ୍ରୀଛାତ୍ର, ଜନ ପ୍ରତିନିଧି, ଗାଁ କୋଠ, ଅଭିଭାବକ, ସରକାରୀ ଅଧିକାରୀ ଓ ଅନ୍ୟମାନଙ୍କଠାରୁ ଗୁରୁଦକ୍ଷିଣା ସହାୟତା ଅର୍ଥରେ ବେଞ୍ଚ ଡ଼େସ୍କ କିଣାଯିବା ଯୋଜନା ଜିଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଛି। ଏଥିସହ ପ୍ରତି ଶ୍ରେଣୀରେ ଦର୍ପଣ, ପାନିଆଁ, ନଖକଟା ରଖିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ହୋଇଛି।

## ଡିଆଇଜି, ଏସ୍‌ପିଙ୍କ ହିଞ୍ଜିଳି ଥାନା ପରିଦର୍ଶନ

ହିଞ୍ଜିଳିକାଟୁ,୫।୯(ଡି.ଏନ୍.ଏ.):

ଦକ୍ଷିଣାଞ୍ଚଳ ରେଞ୍ଜ ପୋଲିସ ଡିଆଇଜି ଆଶିଷ ସିଂ ଓ ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ ବୁଧବାର ହିଞ୍ଜିଳି ଥାନା ପରିଦର୍ଶନ କରିଥିଲେ। ସେମାନେ କ୍ରାଇମ ରେକର୍ଡ଼, ଗତ ୩ ବର୍ଷରେ ହୋଇଥିବା ବିଭିନ୍ନ ହତ୍ୟା ମାମଲା ଓ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ପଦକ୍ଷେପର ତର୍ଜମା କରିଥିଲେ। ଟ୍ରାଫିକ ନିୟମ ଅବମାନନାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ରାତିରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବ୍ଲକିଂ ଓ ଚେକିଂ, ଅପରାଧି ଗୋଷ୍ଠୀଙ୍କୁ ଚିହ୍ନଟ କରି ଆଇନଗତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଡିଆଇଜି ଓ ଏସପିଙ୍କ ଗସ୍ତ ବେଳେ ଆସିକା ଏସଡ଼ିପିଓ ସୁବାସ ଚନ୍ଦ୍ର ପଣ୍ଡା ଓ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଉପସ୍ଥିତ ଥିଲେ।

## ଅସହାୟ କାଣ୍ଡୁଲୁ ସରକାରୀ ଯୋଜନାରୁ ବଞ୍ଚିତ


ଘର ସମ୍ମୁଖରେ କାଣ୍ଡୁଲୁ।

ଫିରିଙ୍ଗିଆ, ୫।୯

ଫିରିଙ୍ଗିଆ ବ୍ଲକ ବନ୍ଧଗଡ ପଞ୍ଚାୟତର ତେଜାମାହା ଗ୍ରାମର କାଣ୍ଡୁଲୁ ଅମାତ । ବୟସ ୬୦ ଟପିଲାଣି । ପାଖରେ କେହି ନାହାନ୍ତି। ଗୋଟିଏ ଝିଅ ଏବଂ ପୁଅ ବହୁ ବର୍ଷ ଆଗରୁ ଆରପାରିକୁ ଚାଲି ଯାଇଛନ୍ତି। ୫/୬ ବର୍ଷ ପୂର୍ବେ ସ୍ତ୍ରୀ ମଧ ଆରପାରିରେ । ଏକୁଟିଆ ଏବଂ ଅସହାୟ ଅବସ୍ଥାରେ ଥିବା କାଣ୍ଡୁଲୁଙ୍କୁ ଆଜି ପର୍ଯ୍ୟନ୍ତ ଆବାସ ଯୋଜନାରେ ଘର ମିଳିନାହିଁ । ଭତ୍ତା ମଧ ମିଳୁନାହିଁ। ଗତ ୨ ମାସ ହେବ ଖାଲି ଚାଉଳ ମିଳୁଛି । କାଣ୍ଡୁଲୁ କୁହନ୍ତି ମୋତେ ୬୦ରୁ ଅଧିକ ବୟସ ହେଲାଣି । ମୁଁ ଅତ୍ୟନ୍ତ ଗରିବ, ମୂଲ ଲାଗି ଚଳୁଛି । ଏବେ ବୟସ ଅଧିକ ହେବାରୁ ସବୁଦିନ ମୂଲ ଲାଗିବାକୁ ଯାଇପାରୁନାହିଁ । ବହୁ କଷ୍ଟରେ ଚଳୁଛି । ଘର ପାଇବା ପାଇଁ କେହି ମୋ କଥା ଉଠାଉ ନାହାନ୍ତି। ସରପଞ୍ଚଙ୍କୁ କହିଛି। ଭଙ୍ଗା ଚାଳିଆରେ ଦିନ କଟୁଛି । ମୋତେ ଘର ଟିଏ ମିଳିଲେ ଉପକୃତ ହୁଅନ୍ତି । ବିଡିଓ ପ୍ରବୀଣ କୁମାର ବାଣୁଆଙ୍କୁ ପଚାରିବାରୁ ତାଙ୍କର ନାମ ସାମାଜିକ ଅର୍ଥ ନୈତିକ ଜନଗଣନାରେ ଅଛି କି ନାହିଁ ମୁଁ ଦେଖିବି ଯଦି ଥିବ ନିଶ୍ଚିତ ତାଙ୍କୁ ଘର ମିଳିବ । ଯଦି ନାମ ନ ଥିବ ତାହାଲେ ଆମେ ସର୍ଭେ କରି ନାମ ଚଢ଼ାଇବା ସହ ଘର ଦେବାକୁ ବ୍ୟବସ୍ଥା କରିବୁ ବୋଲି କହିଛନ୍ତି।

# ମଧ୍ୟାହ୍ନଭୋଜନ ଚାଉଳ କିଣିଥିବା ବ୍ୟବସାୟୀ ଗିରଫ

ଦାରିଙ୍ଗବାଡ଼ି,୫।୯(ଡି.ଏନ.ଏ)

ଦାରିଙ୍ଗବାଡ଼ି ପୋଲିସ ବୁଧବାର ମଧ୍ୟାହ୍ନ ଭୋଜନ ଚାଉଳ କିଣିଥିବା ଅଭିଯୋଗରେ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ପର୍ତ୍ତମାହାର ସନ୍ତୋଷ କୁମାର ସାହୁ ବୋଲି ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। ଏନେଇ ନଂ.୧୧୬/୧୮ରେ ମାମଲା ରୁଜୁ କରି ଅଧିକା ତଦନ୍ତ ଚାଲିଛି। ବୁଧବାର ପୂର୍ବାହ୍ନରେ ପୋଲିସ ପର୍ତ୍ତମାହା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ସନ୍ତୋଷଙ୍କ ଘର ବାରଣ୍ଡାରେ ୫ ପ୍ୟାକେଟ (ପ୍ରାୟ ୨୫୦ କେଜି) ସରକାରୀ ଲୋଗୋ ଥିବା ଚାଉଳ ଥିବା ଦେଖିଥିଲେ। ପ୍ରାଥମିକ ତଦନ୍ତରୁ ଏହା ମଧ୍ୟାହ୍ନଭୋଜନ ଚାଉଳ ଓ କେହି ଶିକ୍ଷକ ବିକ୍ରି କରିଥିବା ପୋଲିସ ଜାଣିବାକୁ ପାଇଛି। ଗୁରୁଦିବସରେ ବିଦ୍ୟାଳୟ ଛୁଟି ଥିବାରୁ ତଦନ୍ତ ଆଗେଇ ପାରି ନ ଥିବା ଆଇଆଇସି ଗରଡ଼ିଆ କହିଛନ୍ତି।

# କଳାବ୍ୟାଜ୍ ପିନ୍ଧିଲେ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ, କର୍ମଚାରୀ


ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭଞ୍ଜନଗର,୫।୯(ଡି.ଏନ.ଏ.)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧିନରେ ଥିବା ୩୧ କୃଷି ବିଜ୍ଞାନ କେନ୍ଦ୍ର (କେବିକେ)ର ବୈଜ୍ଞାନିକ ଓ କର୍ମଚାରୀ ୭ଦଫା ଦାବିନେଇ ସୋମବାରଠାରୁ କଳାବ୍ୟାଜ୍ ପରିଧାନ କରିଛନ୍ତି। ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର କର୍ମଚାରୀ ମଧ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଓଡ଼ିଶା ମହାମଞ୍ଚର ନେତୃତରେ ଏହି ଆନ୍ଦୋଳନ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଦାବିଗୁଡ଼ିକ ହେଲା ଚାକିରୀର ସ୍ଥାୟିତ୍ୱ, ଜାତୀୟ ପେନସନ୍ ଯୋଜନା, ସାମାଜିକ ସୁରକ୍ଷା, ଭାରତ ସରକାରଙ୍କ ବୁଝାମଣାପତ୍ରର ସଫଳ ରୂପାୟନ, ଆରଏସିପି ଓ ସିଏଏସ, ସମାନ କାମକୁ ସମାନ ଦରମା ପ୍ରଦାନ। ୧୬ ତାରିଖ ସୁଦ୍ଧା ସରକାର ଯଦି ଦାବି ପୂରଣ ନ କରନ୍ତି ତେବେ ୩୧ କେବିକେର ସମସ୍ତ ୩୬୩ ଜଣ ବୈଜ୍ଞାନିକ ଓ କର୍ମଚାରୀ ୧୭ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବେ। ବୈଜ୍ଞାନିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଲେ କୃଷିକାର୍ଯ୍ୟ ପ୍ରଭାବିତ ହେବାର ସମ୍ଭାବନା ରହିଛି। ତେଣୁ ଏହାପୁର୍ବରୁ ସରକାର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାପାଇଁ ଦାବି ହୋଇଛି।

# ବଡ଼ହକିଆ ବିଦ୍ୟାଳୟ: ଡେରିରେ ପହଞ୍ଚୁଛନ୍ତି ଶିକ୍ଷକ

ଦାରିଙ୍ଗବାଡ଼ି,୫।୯(ଡି.ଏନ.ଏ)


ବଡହକିଆ ବିଦ୍ୟାଳୟରେ ଛାତ୍ରୀଛାତ୍ର ଶିକ୍ଷକ ମାନଙ୍କୁ ଅପେକ୍ଷା କରିଛନ୍ତି।

ଦାରିଙ୍ଗବାଡ଼ି ବ୍ଲକ ତିଲୋରୀ ପଞ୍ଚାୟତ ବଡହକିଆ ନୂତନ ପ୍ରାଥମିକ ବିଦ୍ୟାଳୟରେ ଠିକ ସମୟରେ ଶିକ୍ଷକ ଆସୁ ନାହାନ୍ତି। ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସି ନିଜେ ଝାଡୁ ମାରିବା ସହ ପ୍ରାର୍ଥନା କରି ନିଜ ପାଠପଢୁଛନ୍ତି। ଦୁର୍ଗମ ଅଞ୍ଚଳରେ ବିଦ୍ୟାଳୟ ରହିଥିବାରୁ ସେଠାକୁ କୌଣସି ଅଧିକାରୀଙ୍କ ପାଦ ପଡୁନାହିଁ । ଫଳରେ ଶିକ୍ଷକମାନେ ନିଜ ଇଚ୍ଛାରେ ପହଞ୍ଚୁଥିବା ଜଣାପଡ଼ିଛି । ଶିକ୍ଷକମାନେ ସାଢ଼େ ୧୦ଟା ପରେ ବିଦ୍ୟାଳୟକୁ ଆସୁଥିବା ବେଳେ ପାଳି କରିଆସୁଥିବା କେତେ ଜଣ ଛାତ୍ର କହିଛନ୍ତି । ଉକ୍ତ ବିଦ୍ୟାଳୟଟି ୨୦୦୯ରେ ସ୍ଥାପିତ ହୋଇଥିଲା । ଏଠାରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ମାତ୍ର ୨୮ ଛାତ୍ରୀଛାତ୍ର ରହିଥିବା ବେଳେ ତାଙ୍କୁ ଶିକ୍ଷାଦାନ କରିବା ପାଇଁ ଦୁଇଜଣ ଶିକ୍ଷକ ରହିଛନ୍ତି । ପ୍ରଧାନ ଶିକ୍ଷକ ବାଲିଗୁଡ଼ାରୁ ଯାତାୟାତ କରୁଥିବାରୁ ଠିକ୍ ସମୟରେ ପହଞ୍ଚୁ ନ ଥିବା ସ୍ଥାନୀୟ ବାସିନ୍ଦାଙ୍କ ସମେତ ଛାତ୍ରୀଛାତ୍ର ଅଭିଯୋଗ କରଛନ୍ତି । ପ୍ରଧାନ ଶିକ୍ଷକ ସୁନୀଲ ପ୍ରଧାନ ଡେରିରେ ପହଞ୍ଚିବା ପରେ ମଧ୍ୟାହ୍ନ ଭୋଜନ ରୋଷେଇ କରିବାକୁ ଜିନିଷ ଦେଇଥାନ୍ତି । ଅଧିକାଂଶ ସମୟ ରୋଷେଇ ବିଳମ୍ବ ହେଉଥିବା ଜଣାପଡ଼ିଛି । ଡେରିରେ ପହଞ୍ଚିବା ଘଟଣାକୁ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ପ୍ରଧାନ ସ୍ୱୀକାର କରି କହିଛନ୍ତି। ସବୁଦିନେ ଡେରି ହେଉନାହିଁ । ପ୍ରାୟ ୧୫ କି.ମି. ଦୁରତାରୁ ରହି ଯାତାୟାତ କରୁଛି । ଫଳରେ ବାଇକ୍‌ରେ ତ୍ରୁଟି କିମ୍ବା ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ ଏଭଳି ବିଳମ୍ବ ହେଉଥିବା ସେ କହିଛନ୍ତି। ସିଆରସିସି ଦାମୋଦର ସାହୁ କହିଛନ୍ତି, ସମସ୍ତ ଶିକ୍ଷକଙ୍କୁ ତାଗିଦ କରାଯାଇଛି । ସେହିପରି ଗଣ୍ଡିଗୁଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୫୧ ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ତାଙ୍କୁ ପଢାଇବା ପାଇଁ ୪ ଶିକ୍ଷକ ରହିଛନ୍ତି । ସେମାନଙ୍କ ମଧ୍ୟରୁ ସସ୍ମିତା ଜେନା ଏବଂ ତିଳୋତ୍ତମା କହଁର ଦୁଇଜଣ ବିଦ୍ୟାଳୟରେ ରହିଥିବା ବେଳେ ଅନ୍ୟମାନେ ଛୁଟିରେ ଯାଇଥିବା ଜଣାପଡିଛି । ସେହିପରି ଶ୍ରେଣୀଗୃହ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ - ତଥାଗତ ସତପଥୀ